ଶ୍ରୀଯୁକ୍ତ ଫଜଲୁର ରେହମାନ ଏବଂ ଅନ୍ୟମାନେ

ବନାମ

ୟୁ.ପି. ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 16, 1999

[ଡଃ ଏ.ଏସ୍. ଆନନ୍ଦ, ମୁଖ୍ୟ ନ୍ୟାୟାଧୀଶ, ଏସ୍. ରାଜେନ୍ଦ୍ର ବାବୁ ଏବଂ ଆର୍.ସି. ଲାହୋଟୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ତଦନ୍ତ ଆୟୋଗ ଅଧିନିୟମ, 1952:*

*ଧାରା 3(4)–ମିରଟ ଦଙ୍ଗା ଉପରେ ପାରେଖ ଆୟୋଗଙ୍କ ବିବୃତି–ଆୟୋଗ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦଙ୍ଗା ପାଇଁ ଦାୟୀ ବୋଲି ଚିହ୍ନଟ କରିନଥିଲେ କିମ୍ବା କୌଣସି ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରିନଥିଲେ–ସହରରେ ଧାର୍ମିକ ଏବଂ ରାଜନୈତିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏବଂ କୌଣସି ନିର୍ଦ୍ଦିଷ୍ଟ ବର୍ଗ କିମ୍ବା ସମ୍ପ୍ରଦାୟ କ୍ଷେତ୍ରରେ କୌଣସି ଉତ୍ତେଜନାକୁ ଏଡ଼ାଇବା ଉଦ୍ଦେଶ୍ୟରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ରାଜ୍ୟ ମନ୍ତ୍ରୀ ମଣ୍ଡଳଙ୍କ ନିଷ୍ପତ୍ତି–ଦର୍ଶାଯାଇଛି, ଏହି ବିବୃତିକୁ ନଥିଭୁକ୍ତ କରିବାକୁ ପଠାଯିବ ।*

*ତଦନ୍ତ ଆୟୋଗଙ୍କ ବିବୃତି–ଏକ ଦଶନ୍ଧିରୁ ଅଧିକ ସମୟ ଧରି ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା–ଦର୍ଶାଯାଇଛି, ବିବୃତି ଉପରେ ଯେଉଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଶା କରାଯାଉଥିଲା, ତାହା କରାଗଲା ନାହିଁ–ଏହା ଏକ ସୁସ୍ଥ ବିଚାରଧାରା ନୁହେଁ ଏବଂ ବିଳମ୍ବ, ବିଳମ୍ବ କରିବାର ଉଦ୍ଦେଶ୍ୟ ବିଷୟରେ ଏଡ଼ାଇବା ଯୋଗ୍ୟ ସନ୍ଦେହ ସୃଷ୍ଟି କରେ–ଦୀର୍ଘ ସମୟ ଧରି ଏପରି ନିଷ୍କ୍ରିୟତା କାରଣରୁ, ତଦନ୍ତ ଆୟୋଗ ଗଠନ କରିବାର ଉଦ୍ଦେଶ୍ୟ ହିଁ ବ୍ୟର୍ଥ ହୋଇଯାଏ–ଏହା ଉପଯୁକ୍ତ ହେବ ଯେ, ଯେତେବେଳେ 'ନିର୍ଦ୍ଦିଷ୍ଟ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ' ମାମଲା ପାଇଁ ତଦନ୍ତ ଆୟୋଗ ନିଯୁକ୍ତ କରାଯାଏ, ରାଜ୍ୟ ସରକାର ଏହି ବିବୃତିକୁ ଶୀଘ୍ର ଯାଞ୍ଚ କରିବା ଉଚିତ ଏବଂ ସେହି ବିବୃତି ଉପରେ କାର୍ଯ୍ୟାନୁଷ୍ଠାନ, ଯଦି କିଛି ଥାଏ, ତୁରନ୍ତ ନିଷ୍ପତ୍ତି ନେବା ଉଚିତ–ସମସ୍ତ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳର ଦୃଷ୍ଟି ଆକର୍ଷଣ କରିବାକୁ ଭାରତ ସଂଘର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଆଦେଶର ନକଲ ପଠାଯିବ ।*

ଦେୱାନୀ ମୂଳ କ୍ଷେତ୍ରାଧିକାର: ରିଟ୍ ଆବେଦନ (ସି) ସଂଖ୍ୟା 11742-44/1984 ।

(ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।)

ଆବେଦନକାରୀଙ୍କ ପକ୍ଷରୁ ମୁଶାରଫ ଚୌଧୁରୀ ଏବଂ ପି.ଏଚ୍. ପାରେଖ ।

ଉତ୍ତରଦାତାମାନଙ୍କ ପାଇଁ ଏ.ବି. ରୋହତଗୀ ଏବଂ ଆର୍.ବି. ମିଶ୍ର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ତା14 ଅକ୍ଟୋବର 1998ରିଖର ଆମର ଆଦେଶକୁ ଏହି ଆଦେଶର ଏକ ଅଂଶ ଭାବେ ବିବେଚନା କରାଯିବ ।

ଉତ୍ତର ପ୍ରଦେଶ ସରକାରଙ୍କ ଗୃହ ବିଭାଗର ସଚିବ ଶ୍ରୀଯୁକ୍ତ ଏନ୍. ରବି ଶଙ୍କର 11 ଡିସେମ୍ବର 1998 ତାରିଖରେ ଏହି ନ୍ୟାୟାଳୟଙ୍କ ନିକଟରେ 8 ଡିସେମ୍ବର 1998 ତାରିଖରେ ଏକ ସତ୍ୟପାଠ ଦାଖଲ କରିଛନ୍ତି । ସତ୍ୟପାଠ ସହିତ ସେ ନ୍ୟାୟମୂର୍ତ୍ତି ସି.ଡି. ପାରେଖ ଆୟୋଗଙ୍କ ବିବୃତିର ସାରମର୍ମ ମଧ୍ୟ ଦାଖଲ କରିଛନ୍ତି । ଶ୍ରୀଯକ୍ତ ରବି ଶଙ୍କରଙ୍କ ସତ୍ୟପାଠରୁ ଏହା ସ୍ପଷ୍ଟ ହୋଇଛି ଯେ, 1982 ମସିହା ସେପ୍ଟେମ୍ବର ମାସରେ ମିରଟରେ ଘଟିଥିବା ଦଙ୍ଗା ସଂକ୍ରାନ୍ତରେ 1988 ମସିହାରେ ଦାଖଲ ହୋଇଥିବା ପାରେଖ ଆୟୋଗ ବିବୃତିକୁ ରାଜ୍ୟ ମନ୍ତ୍ରୀ ମଣ୍ଡଳ ବିଚାର କରିଥିଲେ ଏବଂ ନିମ୍ନଲିଖିତ ନିଷ୍ପତ୍ତି ଗ୍ରହଣ କରିଥିଲେ ।

(i) ତଦନ୍ତ ଆୟୋଗ ଅଧିନିୟମ, 1952ର ଧାରା 3(4)ର ବ୍ୟବସ୍ଥା ଅନୁଯାୟୀ ଆୟୋଗଙ୍କ ବିବୃତିକୁ ଗୃହରେ ଉପସ୍ଥାପନ କରାଯିବ ।

(ii) 20.9.1982ର ଘଟଣା ସମ୍ବନ୍ଧୀୟ ବିବୃତି, ରାଜ୍ୟ ସରକାରଙ୍କ ଦ୍ୱାରା ନଭେମ୍ବର, 1988ରେ ଗ୍ରହଣ କରାଯାଇଥିଲା । ସେବେଠାରୁ ଆଜି ପର୍ଯ୍ୟନ୍ତ କୌଣସି ପୂର୍ବତନ ସରକାର କୌଣସି ନିଷ୍ପତ୍ତି ନେବା ଉଚିତ ବୋଲି ବିବେଚନା କରିନଥିଲେ । ଆୟୋଗ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦାୟୀ ବୋଲି ଦର୍ଶାଇନଥିଲେ ଏବଂ ଅନେକ ସ୍ଥାନରେ ଦଙ୍ଗାକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଉପଯୁକ୍ତ ବିବେକିତା ପ୍ରୟୋଗ କରିନଥିବା ମତ ପ୍ରକାଶ କରିବା ସତ୍ତ୍ୱେ କୌଣସି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଦଣ୍ଡିତ କରିବାକୁ ସୁପାରିଶ କରିନଥିଲେ । ମିରଟ ସହରରେ ବର୍ତ୍ତମାନର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଧାର୍ମିକ ଏବଂ ରାଜନୈତିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ଏବଂ କୌଣସି ନିର୍ଦ୍ଦିଷ୍ଟ ବର୍ଗର ସମ୍ପ୍ରଦାୟରେ କୌଣସି ଉତ୍ତେଜନାକୁ ଏଡ଼ାଇବା ପାଇଁ ଏବଂ ଆୟୋଗଙ୍କ ବିବୃତି ଉପରେ କାର୍ଯ୍ୟାନୁଷ୍ଠାନ ଲୋକହିତରେ ଉପଯୋଗୀ ହୋଇଥିବା ଦେଖିବାକୁ ମିଳିନାହିଁ ।

(iii) ଆୟୋଗଙ୍କ ବିବୃତିକୁ ଅସ୍ୱୀକାର କରାଗଲା ଏବଂ ଏହାକୁ ନଥିଭୁକ୍ତ କରିବାକୁ ପଠାଗଲା ।

ଏହା ଜଣାପଡୁଛି ଯେ, 'ମିରଟ ସହରରେ ଧାର୍ମିକ ଏବଂ ରାଜନୈତିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏବଂ କୌଣସି ନିର୍ଦ୍ଦିଷ୍ଟ ବର୍ଗ କିମ୍ବା ସମ୍ପ୍ରଦାୟରେ କୌଣସି ଉତ୍ତେଜନାକୁ ଏଡ଼ାଇବା' ଉଦ୍ଦେଶ୍ୟରେ ରାଜ୍ୟ ମନ୍ତ୍ରୀ ମଣ୍ଡଳ, ପାରେଖ ଆୟୋଗ ବିବୃତି ଆଧାରରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ନିଜେ ଦଙ୍ଗା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦାୟୀ ବୋଲି ଚିହ୍ନଟ କରିନଥିଲା କିମ୍ବା କୌଣସି ଅଧିକାରୀଙ୍କ ଉପରେ କାର୍ଯ୍ୟର ଅବହେଳା ପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ନିର୍ଦ୍ଧିଷ୍ଟ କରିନଥିଲା । ରାଜ୍ୟ ସରକାର ଏହି ବିବୃତି ଉପରେ ବିଚାର କରି ନିଷ୍ପତ୍ତି ନେଇଥିବାରୁ, ଏହି ରିଟ୍ ଆବେଦନରେ ଆଉ ବିଚାର କରିବାର ଆବଶ୍ୟକତା ନାହିଁ, ଏବଂ ଆମେ ନିର୍ଦ୍ଦେଶ ଦେଉଛୁ ଯେ, ଏହାକୁ ନଥିଭୁକ୍ତ କରିବା ପାଇଁ ପଠାଯାଉ ।

ତେବେ, ଏହି ମାମଲାରୁ ବିଦାୟ ନେବା ପୂର୍ବରୁ, ରାଜ୍ୟଗୁଡ଼ିକ ଦ୍ୱାରା ତଦନ୍ତ ଆୟୋଗଙ୍କ ବିବୃତିକୁ ଯେଉଁଭଳି ଭାବରେ ବ୍ୟବହାର କରାଯାଇଛି, ସେଥିରେ ଆମେ ଆମର ଦୁଃଖ ପ୍ରକାଶ କରିବାକୁ ଚାହୁଁଛୁ । ଏହି ମାମଲାରେ ଉଚ୍ଚ ନ୍ୟାୟାଳୟର ଜଣେ ପୂର୍ବତନ ନ୍ୟାୟମୂର୍ତ୍ତିଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଆୟୋଗଙ୍କ ବିବୃତି ଉପରେ ଧ୍ୟାନ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଏକ ଦଶନ୍ଧିରୁ ଅଧିକ ସମୟ ଲାଗିଛି । ଦୀର୍ଘ ସମୟ ଧରି ଏପରି ନିଷ୍କ୍ରିୟତା କାରଣରୁ, ତଦନ୍ତ ଆୟୋଗ ଅଧିନିୟମ, 1952 ଅନୁଯାୟୀ ଏକ ତଦନ୍ତ ଆୟୋଗ ଗଠନ କରିବାର ଉଦ୍ଦେଶ୍ୟ ହିଁ ବ୍ୟର୍ଥ ହୋଇଯାଏ ଏବଂ ଏହି ତର୍କ ଯେ, ଏହି ଆୟୋଗଗୁଡ଼ିକୁ ଛଳନା ପାଇଁ ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ କରାଯାଏ, ଏହା ବିଶ୍ୱସନୀୟତା ହାସଲ କରେ ।

ଏହା ଉପଯୁକ୍ତ ହେବ ଯେ, ଯେତେବେଳେ 'ନିର୍ଦ୍ଦିଷ୍ଟ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ' ମାମଲା ପାଇଁ ତଦନ୍ତ ଆୟୋଗ ଅଧିନିୟମ, 1952 ଅନୁଯାୟୀ ତଦନ୍ତ ଆୟୋଗ ନିଯୁକ୍ତ କରାଯାଏ, ରାଜ୍ୟ ସରକାର ଏହି ବିବୃତିକୁ ଶୀଘ୍ର ଯାଞ୍ଚ କରିବା ଉଚିତ ଏବଂ ସେହି ବିବୃତି ଉପରେ କାର୍ଯ୍ୟାନୁଷ୍ଠାନ ଯଦି କିଛି ଥାଏ, ତୁରନ୍ତ ନିଷ୍ପତ୍ତି ନେବା ଉଚିତ । ଏକ ବିବୃତିକୁ ବର୍ଷ ବର୍ଷ ଧରି ଏବଂ ଏହି ମାମଲାରେ ଦଶ ବର୍ଷ ଧରି ଅଟକାଇ ରଖିବା ଦ୍ୱାରା କେହି କୃତଜ୍ଞ ହେବେ ନାହିଁ । ତଦନ୍ତ ଆୟୋଗଙ୍କ ବିବୃତିକୁ ବର୍ଷ ବର୍ଷ ଧରି ଅଣଦେଖା କରିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ କାରଣ ଏହା ଏହିପରି ଆୟୋଗର ଉପଯୋଗିତା ଉପରେ ପ୍ରତିକୂଳତା ପ୍ରତିଫଳିତ କରେ ଏବଂ ସମଗ୍ର କାର୍ଯ୍ୟର ବିଶ୍ୱସନୀୟତା ଉପରେ ପ୍ରଭାବ ପକାଇବ ।

ଆମେ ଏହି ତଥ୍ୟ ପ୍ରତି ସଚେତନ ଅଛୁ ଯେ, ଏହି ନିର୍ଦ୍ଦିଷ୍ଟ ମାମଲାରେ, 1982 ମସିହା ସେପ୍ଟେମ୍ବର ମାସରେ ଦଙ୍ଗା ଘଟିଥିବା ସମୟ ଏବଂ 1998 ମସିହାରେ ମନ୍ତ୍ରୀ ମଣ୍ଡଳ ଦ୍ୱାରା ନିଆଯାଇଥିବା ଚୂଡ଼ାନ୍ତ ନିଷ୍ପତ୍ତି ମଧ୍ୟରେ, ଉତ୍ତର ପ୍ରଦେଶ ରାଜ୍ୟରେ ଅନେକ ସରକାର ବଦଳିଥିଲେ । କିନ୍ତୁ ଯାହା ହେଉନା କାହିଁକି, ବାସ୍ତବତା ହେଉଛି ଯେ, ବିବୃତି ଉପରେ ଯେଉଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଶା କରାଯାଉଥିଲା, ତାହା କରାଗଲା ନାହିଁ । ଏହା ଏକ ସୁସ୍ଥ ବିଚାରଧାରା ନୁହେଁ ଏବଂ ବିଳମ୍ବ, ବିଳମ୍ବ କରିବାର ଉଦ୍ଦେଶ୍ୟ ବିଷୟରେ ଏଡ଼ାଇବା ଯୋଗ୍ୟ ସନ୍ଦେହ ସୃଷ୍ଟି କରେ । ଏଥିରୁ ଦୂରେଇ ରହିବା ଭଲ ହେବ । ଆମେ ଆଶା କରୁଛୁ ଯେ, ଅନ୍ୟ କୌଣସି ମାମଲାରେ ଏହା କହିବା ପାଇଁ ଆମକୁ କୌଣସି ଅବସର ମିଳିବ ନାହିଁ ।

ସମସ୍ତ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳର ଦୃଷ୍ଟିକୁ ଉପରୋକ୍ତ ମନ୍ତବ୍ୟ ଆଣିବା ପାଇଁ ଅନୁରୋଧ ସହିତ ଏହି ଆଦେଶର ଏକ ନକଲକୁ ଭାରତ ସଂଘଙ୍କ ଗୃହ ସଚିବଙ୍କୁ ପଠାଯିବ ।

ଆର୍.ପି. ଆବେଦନ ପରିସମାପ୍ତ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।